ପ୍ରଜାତନ୍ତ୍ର
The Prajatantra

ବହୁ ଇନ୍‌ଭେଷ୍ଟ୍‌ମେଣ୍ଟ୍ ଯୋଜନା ସହ ଇନ୍‌ଭେଷ୍ଟ୍ ଭୁବନେଶ୍ୱର ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର(ପିପିଏସ୍): ତିନି ଦିନ ଧରି ଚାଲିଥିବା ଏକ ବିଶ୍ୱବ୍ୟାପି ଇନଭେଷ୍ଟ ଭୁବନେଶ୍ୱରରେ ଆନ୍ତର୍ଜାତୀୟ ସମ୍ମିଳନୀ ଗତ ରାଜ୍ୟରେ ଅନେକ ବ୍ୟବସାୟିକ ଯୋଜନା ଓ ଓଡିଆ ଶିଳ୍ପଦ୍ୟୋଗି ଏବଂ ଆନ୍ତର୍ଜାତୀୟ ଶିଳ୍ପପତିମାନଙ୍କ ମଧ୍ୟରେ ଗଠବନ୍ଧନ ସ୍ଥାପନ ସହିତ ଶେଷ ହୋଇଛି । ତାଇଓ୍ୱାନର ନ୍ୟୁଲାଇଟ୍ କର୍ପୋରେସନ୍ ଚେୟାରମ୍ୟାନ୍ ଏସ୍‌ଏସଲିନ୍ କହିଛନ୍ତି ଯେ, କଂପାନି ପକ୍ଷରୁ ୨୦୦ ନିୟୁତ ଡଲାର ବିନିଯୋଗରେ ଏକ ଲାଇଟ୍ ଇମିଟିଙ୍ଗ୍ ଡାଓଡ୍ (ଏଲ୍ ଇ ଡି) ଉତ୍ପାଦନ କାରଖାନା ସ୍ଥାପନ ଯୋଜନା କରିଛି । ଯାହା ବହୁ କମ୍ ମୂଲ୍ୟରେ ମିଳିବା ସହିତ ଏହା ବହୁତ ଶକ୍ତି ସଂରକ୍ଷଣ ମଧ୍ୟ କରିଥାଏ । ଏହା ଘରୋଇ ଲାଇଟ୍ ସହିତ ଷ୍ଟ୍ରିଟ୍ ଲାଇଟ୍ ତିଆରି କରିବ ।

ଏହି ଅବସରରେ ରୁସାପ ସିପ୍ ଇଣ୍ଟରନ୍ୟାସନାଲ୍‌ର ଅଧ୍ୟକ୍ଷ ଶ୍ରୀଯୁକ୍ତ ରଣ୍ଜିକାନ୍ତ କାମଦାର କହିଛନ୍ତି ଯେ , କଂପାନି ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ୧୦୦କୋଟି ଟଙ୍କା ବିନିଯୋଗ ରେ ଏକ ପ୍ୟାସେଞ୍ଜର କମ୍ କାର୍ଗୋର ଯୋଜନାର ବ୍ୟବସ୍ଥା ରହିଛି ଯାହା ପୁରୀରୁ କୋଲକତା ପର୍ଯ୍ୟନ୍ତ ଚାଲିବ ଏବଂ ଏହା ବହୁ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ଯୋଜନା ଆଶା କରାଯାଉଛି ।

ଏହି ଅବସରରେ ମନ୍ତ୍ରୀ ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଆସନ୍ତା ମଇ ୨୦୧୧ରେ ଓଡିଶା ସରକାର ଏବଂ ଇନଭେଷ୍ଟ ଭୁବନେଶ୍ୱର ସଦସ୍ୟଙ୍କୁ ନେଇ ଏକ ସିଲିକନ୍ ଭ୍ୟାଲି ଗ୍ରୁପ୍‌ରେ ଯିବେ । ସେହିପରି ଏହି ଡେଲିଗେସନ୍ ଅନ୍ୟାନ୍ୟ ସ୍ଥାନ ଯେପରି ଡାଲାସ୍, ଦୁବାଇ , ସିଡନି, ତାଇପାଇ, ଇସ୍ରାଏଲ୍ ଆଦି ସ୍ଥାନ ଗୁଡିକ ଭ୍ରମଣ କରି ଇନଭେଷ୍ଟମେଣ୍ଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ ।

ଇନଭେଷ୍ଟ୍ ଭୁବନେଶ୍ୱରର ଏହି ସମ୍ମିଳନୀ ସମସ୍ତ ଇନଭେଷ୍ଟର ମାନଙ୍କୁ ଆକର୍ଷିତ କରିବା ସହିତ ସେମାନଙ୍କୁ ଏକ ନୂତନ ମଞ୍ଚ ଯୋଗାଇଥାଏ ବୋଲି ଇନଭେଷ୍ଟ୍ ଭୁବନେଶ୍ୱର କନଭେନର ଧନଦା ମିଶ୍ର କହିଛନ୍ତି ।

Publication:Prajatantra
Headline:Invest Bhubaneswar ends on a high note with a string of deals
Page:10
Date:21/12/10